# ତହସିଲ କାର୍ଯ୍ୟାଳୟ, ନରସିଂହପୁର (କଟକ)

**ବିଜ୍ଞାପନ**

ସଂଖ୍ୟା. 3633 / ତା. 12.11.20

**ଲଘୁଖଣିଜ ଉତ୍ସରଦୀର୍ଘମିଆଦୀ ଲିଜ ନିମନ୍ତେ ବିଜ୍ଞାପନ**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓଡିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧିନସ୍ତ ନରସିଂହପୁର ତହସିଲ ଅନ୍ତର୍ଗତ ଅନୁସୁଚୀ – ୧ରେ ପ୍ରଦତ ସୈରାତ ଉତ୍ସ (ଲଘୁ ଖଣିଜ ଦ୍ରବ୍ୟ) କୁ ଆସନ୍ତା ୫(ପାଂଚ) ବର୍ଷ ନିମନ୍ତେ ଦୀର୍ଘମିଆଦୀ ଲିଜ ସୂତ୍ରେ ନେବାପାଇଁ ଇଛୁକ ବ୍ୟକ୍ତି ବିଶେଷଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି । ଲିଜରେ ଅଂଶ ଗ୍ରହଣ କରିବାପାଇଁ ଇଛୁକ ବ୍ୟକ୍ତି ବିଶେଷ,ଉକ୍ତ ବାଲି ଖାଦାନକୁ ପରିଦର୍ଶନ କରି ଏହାର ପରିଚାଳନାପାଇଁ ଗମନା ଗମନର ସୁବିଧା, ଗଛିତ ଲଘୁ ଖଣିଜ ଦ୍ରବ୍ୟ ଓ ଅନ୍ୟାନ୍ୟ ଆନୁସଙ୍ଗିକ ସୁବିଧା,ସୁଯୋଗ ସମ୍ପର୍କରେ ପର୍ଯ୍ୟବେକ୍ଷଣ କରିବାପରେ ଆବେଦନ କରିବା ଆବଶ୍ୟକ । ଲିଜ ନେବାପରେ ସୈରାତ ଚଳାଇବା ସମ୍ପର୍କରେ କୌଣସି ଅଭିଯୋଗ ଗ୍ରହଣୀୟ ହେବନାହିଁ. ତଥା କୌଣସିପ୍ରାକୃତିକ ବିପର୍ଯ୍ୟୟ ନିମନ୍ତେ କର୍ତୃପକ୍ଷ ଦାୟୀ ରହିବେନାହିଁ ।

ଓଡିଶା ଲଘୁ ଖଣୀଜ ଦ୍ରବ୍ୟ ରିହାତି ଆଇନ - ୨୦୧୬(OMMC Rules - 2016)ରେ ବର୍ଣ୍ଣିତ ଫର୍ମ- ଏମ (Form - M) ତିନିକିତା ପୁରଣ କରି ତତ୍ ସହିତ ନିମ୍ନଲିଖିତ ଦସ୍ତାବିଜ ସଂଲଗ୍ନ କରି ଜଉମୁଦ ଲଫାପାରେ(Registered Post/ Speed Post) ଜରିଆରେ ତହସିଲଦାର, ନରସିଂହପୁର, ସା/ପୋ.ଅ /ଥାନା - ନରସିଂହପୁର, ଜିଲ୍ଲା – କଟକ, ପିନ - ୭୫୪୦୩୨ ଠିକଣାରେ କିମ୍ବା ତହସିଲ କାର୍ଯ୍ୟାଳୟରେ ଉଦିଷ୍ଟ TENDER DROP BOXରେ ଆସନ୍ତା ତା.୨୧.୧୧.୨୦୨୦ ରିଖ ଠାରୁ ତା. ୩୦.୧୧.୨୦୨୦ ରିଖ ମଧ୍ୟରେ କାର୍ଯ୍ୟଦିବସର ସକାଳ ଘ୧୦.୦୦ ଠାରୁ ସଧ୍ୟା ଘ.୦୫.୩୦ ମଧ୍ୟରେ ପକାଇବା ଆବଶ୍ୟକ । ନିର୍ଦ୍ଦିଷ୍ଟ ତାରିଖ ଓ ସମୟ ପରେ କୌଣସି ଆବେଦନ ଗ୍ରହଣ କରାଯିବ ନାହିଁ । ଲଫାପା ଉପରେ ଦରଖାସ୍ତ କରୁଥିବା ସୈରାତ ଉତ୍ସର ନାମ ଏବଂ ଦରଖାସ୍ତ କାରୀଙ୍କର ନାମ, ଠିକଣା, ଯୋଗାଯୋଗ ନମ୍ବର ଲେଖିବା ଆବଶ୍ୟକ । ଉକ୍ତ ଦରଖାସ୍ତ ଗୁଡିକ ଗୁଡିକୁ ତା.୦୧.୧୨.୨୦୨୦ ରିଖ ଦିବା ଘ. ୧୧.୦୦ ସମୟରେ ନରସିଂହପୁର ତହସିଲ, କାଯ୍ୟାଳୟରେ ଆବେଦନ କରିଥିବା ଦରଖାସ୍ତଗୁଡିକୁ ତନଖି କରାଯିବଏବଂ OMMC Rules -2016 ଅନୁଯାୟୀ ସମସ୍ତ ସର୍ତାବଳୀକୁ ପୁରଣକରୁଥିବା ଦରଖାସ୍ତଗୁଡିକୁ ବିଚାରକୁ ନିଆଯାଇ ତନ୍ମଧ୍ୟରୁ ସର୍ବୋଚ ଅତିରିକ୍ତଦେୟ ଉଲ୍ଲେଖ କରିଥିବା ରଖାସ୍ତକାରୀଙ୍କ ସପକ୍ଷରେ ନିଲାମ ମଂଜୁର କରାଯିବ ଏବଂ ଅସମ୍ପୂର୍ଣ୍ଣ ଦରଖାସ୍ତ ଗୁଡିକୁ ବାତିଲ କରିଦିଆଯିବ । ଯଦି ୧ ରୁ ଅଧିକ ଆବେଦନ କାରୀ ସମାନସର୍ବୋଚ୍ଚ ମୂଲ୍ୟ ଉଲ୍ଲେଖ କରିଥିବେ , ତେବେ ଲଟେରୀ ମାଧ୍ୟମରେ ଲିଜ ପ୍ରଦାନ ନିମନ୍ତେ ଚୟନ କରାଯିବ । ଯଦି ଉପରୋକ୍ତ ଦିବସରେ କୌଣସି କାରଣରୁ ନିଲାମ ନହୋଇପାରେ, ତେବେ, ୦୨.୧୨.୨୦୨୦ ରିଖ ଠାରୁ ତା..୦୮.୧୨.୨୦୨୦ ରିଖ ଅପରାହ୍ନ ଘ. ୦୫.୩୦ ପର୍ଯ୍ୟନ୍ତ ପୁନର୍ବାର (Registered Post/ Speed Post/ Tender Box) ମାଧ୍ୟମରେ ଦରଖାସ୍ତ ଗ୍ରହଣ କରାଯାଇ, ତା. ୦୯.୧୨.୨୦୨୦ ରିଖ ପୂର୍ବାହ୍ନ ଘ. ୧୧.୦୦ଟିକାରେ ନରସିଂହପୁର ତହସିଲ କାର୍ଯ୍ୟାଳୟରେ ଦରଖାସ୍ତ ଗୁଡିକୁ ତନଖି କରଯାଇ ଲିଜ ଧାରୀ ଚୟନ କରାଯିବ । ୨ୟ ଥର ଅସଫଳ ହେଲେ, ତା. ୧୦.୧୨.୨୦୨୦ ରିଖ ଠାରୁ ତା.୧୬.୧୨.୨୦୨୦ ରିଖ ଅପରାହ୍ନ ଘ.୦୫.୩୦ ପର୍ଯ୍ୟନ୍ତ ଟେଣ୍ଡର ଗ୍ରହଣ କରାଯାଇ ତା ୧୭.୧୨.୨୦୨୦ ରିଖ ଦିବା ଘ.୧୧.୦୦ ଟିକାରେ ଲିଜ୍ ଧାରୀ ଚୟନ କରାଯିବ । ଟେଣ୍ଡରନିଲମ ନିମନ୍ତେ ସମସ୍ତ ସର୍ତାବଳୀ ତହସିଲ କାର୍ଯ୍ୟାଳୟରେ (ଛୁଟି ଦିନ ବ୍ୟତିତ ) ସମସ୍ତ କାର୍ଯ୍ୟ ଦିବସରେ ଏବଂ ଏହି ସମ୍ବନ୍ଧୀୟ ସମ୍ପୂର୍ଣ୍ଣ ବିବରଣୀ ଜିଲ୍ଲା ୱେବସାଇଟ www.cuttack.nic.in tender ଲିଙ୍କରେ ଉପଲବ୍ଧ ହେବ ।

**ଦରଖାସ୍ତ ସହ ଦାଖଲ କରିବାକୁ ଥିବା ଦସ୍ତାବିଜ**

୧. OMMC Rules – 2016ରେ ପ୍ରଦତ ଫର୍ମ – ଏମ ନିର୍ଭୁଲ ଭାବରେ ସ୍ପଷ୍ଟ ପୁରଣ କରି, ଦରଖାସ୍ତ କାରୀଙ୍କ ସାକ୍ଷରଥାଇ ଦାଖଲ କରିବା ଆବଶ୍ୟକ ।

୨. ଦରଖାସ୍ତ ପାଉଣା ବାବଦକୁ ଟ.୧,୦୦୦/-(ଏକ ହଜାରଟଙ୍କା) ମାତ୍ର ଟ୍ରେଜେରି ଚଲାଣ(Head of Account-0853-Non-Ferrous Miningnd metallurgical industries-102-Mineral Concession Fees, Rents and Royalties) ଦାଖଲ କରିବେ । ଏହି ଦରଖାସ୍ତ ବାବଦପାଉଣା ଫେରସ୍ତ କରାଯିବ ନାହିଁ ।

୩. ଦରଖାସ୍ତକାରୀଙ୍କର ନାମେ ଉପରୋକ୍ତ ଆଇନ ଅନୁଯାୟୀ କୌଣସି ଖଣିଜ ଦେୟ ବକେୟା ନଥିବାନର୍ଶାଇ ଏକ ସତ୍ୟପାଠ(Affidavit) ଦାଖଲ କରିବା ଆବଶ୍ୟକ ।

୪. ଅମାନତ ରାଶି ବା EMD(Earnest Money Deposit) ବ୍ୟାଙ୍କ ଡ୍ରାଫ୍ଟ ହିସାବରେଜମା କରିବେ (Demand Draft in favour of Tahaildar, Narasinghpur) ଯାହାର ପରିମାଣ , ବାର୍ଷିକ ସର୍ବନିମ୍ନ ଧାର୍ଯ୍ୟ ଉତୋଳନପରିମାଣ(MGQ)ଉପରେ ନିର୍ଦ୍ଧାରିତ ଅତିରିକ୍ତଦେୟ ଓ ରୟାଲିଟର ଶତକଡା ପାଂଚ(୫%)ଭାଗ ତହସିଲଦାର, ନରସିଂହପୁରଙ୍କ ନାମରେ ଚଳବନ୍ଧକକୃତ ବା Bank Draft ଦାଖଲ କରିଥିବା ପ୍ରମାଣ ପତ୍ର ।

EMD=[MGQ X (Royalty + Additional Charge specified in the notice)] X 5% =

1. **Nuapatana Sand Quarry–(10,000 CuM)= Rs.24,500/- Rupees(Twenty four thousand five hundred )only.**
2. **Muraripur Sand Quarry-(60,000 CuM)=Rs.1,47,000/- Rupees(One lakh forty seven thousand)only.**
3. **Dhanipur Sand Quarry- (50,000 CuM)= Rs. 1,22,500/- Rupees(One lakh twenty two thousand five hundred)only.**
4. **Brahmapura Sand Quarry-(50,000 CuM)= )= Rs. 1,22,500/- Rupees(One lakh twenty two thousand five hundred)only.**
5. **Padamalapatana Sand Quarry-(15,000 CuM)= Rs. 36,750/- Rupees( Thirty six thousand seven hundred fifty)only.**

୫. ରାଜସ୍ୱ ଅଧିକାରୀଙ୍କ ଠାରୁ ପ୍ରାପ୍ତ ଶୋଧକ୍ଷମ ପ୍ରମାଣପତ୍ର(Solvency Certificate) କିମ୍ବା ୧୮ ମାସ ପର୍ଯ୍ୟନ୍ତ ଅବଧି ଥିବା ବ୍ୟାଙ୍କ ପ୍ରତ୍ୟାଭୂତି (Bank Gurantee) ଯାହାର ସର୍ବନିମ୍ନ ମୂଲ୍ୟ ବାର୍ଷିକ ସର୍ବନିମ୍ନ ସ୍ଥିରିକୃତ ହୋଇଥିବା ଲଘୁ ଖଣିଜ ପଦାର୍ଥ (MGQ) ଅନୁସାରେ ଅନୁସୂଚୀ – ୧ରେ ପ୍ରଦତ୍ତ ରୟାଲିଟି (Royalty) ଓ ଆବେଦନ କାରୀ ଦରଖାସ୍ତରେ ଦର୍ଶାଇଥିବା ଅତିରିକ୍ତ ଦେୟ (Additional Charge) ମୂଲ୍ୟ ଠାରୁ କମ ହୋଇ ନଥିବ ଏବଂ ଏଥିସହିତ ଅନ୍ୟାନ୍ୟ ସ୍ଥାବର ସମ୍ପତିର ବିବରଣୀ ପ୍ରଦାନ କରିବେ ।

[Requisite Extent of Solvency /Bank Guarantee = Minimum Guaranteed Quantity X (Offered Additional Charge + Royalty)].

୬. ପ୍ରସ୍ତାବିତ ସୌରାତ ଉତ୍ସର ତଫସିଲ ସହ ଚୌହଦିର ସମ୍ପୂର୍ଣ୍ଣ ବିବରଣୀ ଓ ନକ୍ସା

୭. ପ୍ୟାନ କାର୍ଡ / ପରିଚୟ ପତ୍ର ସଂଲଗ୍ନ କରିବେ ।

୮. ଆବେଦନ କରୁଥିବା ଉତ୍ସକୁ, ଧାର୍ଯ୍ୟ ଅତିରିକ୍ତ ଦେୟ ତୁଳନାରେ, କେତେ ଅତିରିକ୍ତ ଦେୟରେ ନେବାପାଇଁ ଚାହୁଁଛନ୍ତି ତାହା ଉଲ୍ଲେଖ କରିବେ ।

## ସର୍ତାବଳୀ

୧. ଆବେଦନକାରୀ ଓଡିଶା ଲଘୁ ଖଣୀଜ ଦ୍ରବ୍ୟ ରିହାତି ଆଇନ - ୨୦୧୬ (OMMC Rules -2016) ଓ ଓଡିଶା ଲଘୁ ଖଣୀଜ ଦ୍ରବ୍ୟ ରିହାତି(ସଂଶୋଧନ) ଆଇନ- ୨୦୧୭ (OMMC Ammenment Rules - 2017) ର ପରିସର ଭୁକ୍ତ ରହିବେ ।

୨. ସର୍ବୋଚ୍ଚ ଅତିରିକ୍ତ ଦେୟ ଦରଜ କରିଥିବା ଆବେଦନକାରୀଙ୍କୁ ଲିଜ ପ୍ରଦାନ ନିମନ୍ତେ ଚୟନ କରାଯିବ । ଯଦି ୧ ରୁ ଅଧିକ ଆବେଦନକାରୀ ସମାନସର୍ବୋଚ୍ଚ ମୂଲ୍ୟ ପ୍ରଦାନ କରିବେ, ତେବେ ଲଟେରୀ ମାଧ୍ୟମରେ ଲିଜ ପ୍ରଦାନ ନିମନ୍ତେ ଚୟନାକରାଯିବ ।

୩. ଯୋଗ୍ୟ ବିବେଚିତ ଆବେଦନକାରୀଙ୍କୁ ମନୋନୟନର (୭) ଦିନ ମଧ୍ୟରେ ପ୍ରାଧିକୃତ ଅଧିକାରୀଙ୍କଦ୍ୱାରା ନିର୍ଦ୍ଧାରିତ ଫର୍ମରେ ଜଣାଇଦିଆଯିବ । ସୂଚନା ପାଇବାର ୧୫ (ପନ୍ଦର) ଦିନ ମଧ୍ୟରେ ମନୋନିତ ଆବେଦନ କାରୀ ସର୍ତାବଳୀର ସମ୍ମତି ପ୍ରଦାନ କରିବେ ଏବଂ ତତ୍ ସଙ୍ଗେ ସଙ୍ଗେ ସର୍ବନିମ୍ନ ଧାର୍ଯ୍ୟ ଉତୋଳନ ପରିମାଣ ଉପରେ ଦରଖାସ୍ତରେ ଦର୍ଶାଇଥିବା ବାର୍ଷିକ ଅତିରିକ୍ତ ଦେୟ ଓ ରୟାଲିଟି ପରିମାଣର ଏକଚତୁର୍ଥାଂଶ ସହିତ ଜିଲ୍ଲା ଖଣିଜ ପାଣ୍ଠି ବାବଦକୁଥିବା ଦେୟରୁ earnest money କୁ ବାଦ ଦେଇ ବଳକା ଥିବା ରାଶି ଜମା କରିବେ । ଯାହାକି ବିନା ସୁଧରେ ଅମାନତ ଆକାରରେ ରହିବ । ଯଦି ମନୋନିତ ବ୍ୟକ୍ତି ୧୫ ଦିନ ମଧ୍ୟରେ ସମ୍ମତି ନ ଦିଅନ୍ତି କିମ୍ବା ଉକ୍ତ ଅମାନତ ରାଶି ଜମା ନକରନ୍ତି, ତେବେ ଦ୍ୱିତୀୟ ସର୍ବାଧିକ ନିଲାମ ଧାରୀଙ୍କୁ ସୁଯୋଗ ଦିଆଯିବ ।

୪. ନୂଆପାଟଣା, ମୁରାରୀପୁର, ଧନିପୁର, ବ୍ରହ୍ମପୁରା, ଓ ପଦାମାଳପାଟଣାର ବାଲି ଖାଦାନ ନିମନ୍ତେ Mining Plan ପ୍ରସ୍ତୁତ ହୋଇଅଛି । ଏଣୁ Mining Plan ନିମନ୍ତେ ସମସ୍ତ ଖର୍ଚ୍ଚ ଲିଜ ଧାରୀ ବହନ କରିବେ ଏବଂ ଓଡିଶା ଲଘୁ ଖଣିଜ ରିହାତି ଆଇନ,୨୦୧୬ (OMMC Rules - 2016) ରେ ନିର୍ଦ୍ଧାରିତ ସମୟ ମଧ୍ୟରେ ନିଜ ଖର୍ଚ୍ଚରେ ପ୍ରାଧିକୃତ ଅଧିକାରୀଙ୍କ ଠାରୁ ପରିବେଶ ସ୍ୱଚ୍ଛତା ପ୍ରମାଣ ପତ୍ର (Environment Clearance Certificate) ହାସଲ କରି ସୂଚୀରେ ଦର୍ଶାଯାଇଥିବା **ସର୍ବନିମ୍ନ ବାର୍ଷିକ ଉତୋଳନ ପାଇଁ ଧାର୍ଯ୍ୟ ଥିବା ଖଣିଜ ପଦାର୍ଥର ପରିମାଣ ସହିତ ରୟାଲିଟି ଓ ଅତିରିକ୍ତ ଦେୟର ସମଷ୍ଟିକୁ ଗୁଣନ କଲେ ଯେଉଁ ଅର୍ଥ ହେବ, ସେହି** ଅନୁଯାୟୀ ସରକାରଙ୍କର ସମସ୍ତ ଦେୟ ଯଥା – Royalty, Additional Charge, Surface Rent, Dead Rent, DMF (10 % of Royalty & additional Charge), EMF (5% OF Royality & Additional Charge) TDS (2 % of Royalty & Additional Charge), fees for compensatory afforestation etc. ଦାଖଲ କରିବେ । ଉକ୍ତ ରାଶି ପୈଠ ହେଲା ପରେ, ଲିଜ ଧାରି ନିଜ ଖର୍ଚ୍ଚରେ ରେଜଷ୍ଟ୍ରେସନ ଆଇନ ୧୯୦୮ ଓ ଷ୍ଟାମ୍ପ ଆଇନ ୧୮୯୯ ଅନୁଯାୟୀ ଲିଜ୍ ଚୁକ୍ତି ପତ୍ର(Lease Agreement) ସମ୍ପାଦନ କରିବେ ଓ ସୈରାତ ପରିଚାଳନା ପାଇଁ, Regional Officer, State Pollution Control Board ଙ୍କ ନିକଟରୁ "CONSENT TO OPERATE ORDER" ଆଣିବା ପାଇଁ ବାଧ୍ୟ ହେବେ, ନଚେତ୍ ମନୋନୟନ ପତ୍ର ରଦ୍ଦ କରାଯିବାସହ. ଅମାନତ ରାଶି (Security Deposit) ତଥା ଅନ୍ୟାନ୍ୟ ଜମା ବ୍ୟାଜ୍ୟାପ୍ତି କରାଯିବ । ଲିଜ୍ ଧାରୀ ବିଜ୍ଞାପନ ଖର୍ଚ୍ଚ ବହନ କରିବେ ।

୫. ଲିଜ୍ ପାଇଁ ଆବେଦନ କରିବା ପୂର୍ବରୁ ଇସ୍ତାହାରରେ ଦର୍ଶିତ ଲଘୁ ଖଣି ଖାଦାନର ପରିର୍ଶନ କରି ସୈରାତ ପରିଚାଳନା ପାଇଁ ଗମନା ଗମନର ସୁବିଧା, ଚଛିତ ଥିବା ଖଣିଜ ପଦାର୍ଥ ଓ ଅନ୍ୟାନ୍ୟ ଆନୁସଙ୍ଗିକ ସୁବିଧା ସମ୍ପର୍କରେ ପର୍ଯ୍ୟବେକ୍ଷଣ କରି ଲିଜ୍ ରେ ଅଂଶ ଗ୍ରହଣ କରିବେ । ନିଲାମ ପରେ ସୈରାତ ଚଳାଇବା ସମ୍ପର୍କରେ କୌଣସି ଅଭିଯାଗ ଗ୍ରହଣ ହେବ ନାହିଁ କିମ୍ବା କତୃପକ୍ଷ ଦାୟୀ ରହିବେନାହିଁ ।

୬. ଲିଜ୍ ଦିଆଯାଇଥିବା ଧାର୍ଯ୍ୟ ସମୟ ଭିତରେ କର୍ତୃପକ୍ଷ କୌଣସି ପ୍ରାକୃତିକ ବିପର୍ଯ୍ୟୟ ପାଇଁ ଦାୟୀ ରହିବେ ନାହିଁ ।

୭. ଲିଜ୍ ଧାରୀ ସୈରାତ ଉତ୍ସର ନକ୍ସା ଅନୁଯାୟୀ ଚିହ୍ନଟ କରିବେ ଓ ସମ୍ମୁଖ ଭାଗରେ ଏକ Display Board ତଆରି କରି, ସେଥିରେ ସୈରାତ ଉତ୍ସର ନାମ, ନକ୍ସା ତଥା ମଞ୍ଜୁର ହୋଇଥିବା ସମୟ ଉଲ୍ଲେଖ କରିବେ । ଏ ସବୁ କର୍ଯ୍ୟ ଲିଜ୍ ଧାରୀ ନିଜ ଖର୍ଚ୍ଚରେ କରିବେ ।

୮. ଲିଜଧାରୀ OMMC Rules – 2016 ଓ OMMC Amendment Rules – 2017ର ସମସ୍ତ ସର୍ତାବଳୀକୁ ପାଳନ କରିବା ପାଇଁ ବାଧ୍ୟ ।

୯. କୌଣସି କାରଣ ନଦର୍ଶାଇ ନିଲାମ ପରିବର୍ତନ ତଥା ବାତିଲ କରିବାର କ୍ଷମତା କର୍ତୃପକ୍ଷ ଓ ଜିଲ୍ଲାପାଳ, କଟକଙ୍କର ରହିଛି ।

୧୦.ନିଲାମ ନିମନ୍ତେ ସମସ୍ତ ସର୍ତାବଳୀ ତହସିଲ କର୍ଯ୍ୟାଳୟରେ (ଛୁଟି ଦିନ ବ୍ୟତିତ) ସମସ୍ତ କାର୍ଯ୍ୟ ଦିବସରେ ଏବଂ ଏହିସମ୍ବନ୍ଧୀୟ ସମ୍ପୂର୍ଣ୍ଣ ବିବରଣୀ ଜିଲ୍ଲା ୱେବସାଇଟ www.cuttack.nic.in Tender linkରେ ଉପଲବ୍ଧ ହେବା ।

୧୧.ଯଦି ଉକ୍ତ ଇସ୍ତାହାରରେ ନିୟମ ଅନୁଯାୟୀ କୌଣସି ତ୍ରୁଟିପରିଲକ୍ଷତ ହୁଏ, ତେବେ ଏହାକୁ ସଂଶୋଧନ ତଥା ପରିବର୍ତନକରିବାର ଅଧିକାର ନିମ୍ନସ୍ୱାକ୍ଷରକାରୀଙ୍କର ରହିଅଛି ।

ତହସିଲଦାର ତଥା କ୍ଷମତା ପ୍ରାପ୍ତ ଅଧିକାରୀ,
ନରସିଂହପୁର

## ଅନୁସୂଚୀ - ୧

### ସୈରାତର ଉତ୍ସର ବିବରଣୀ

| କ୍ରମିକ ସଂଖ୍ୟା | ଉତ୍ସର ନାମ | ମୌଜାର ନାମ | ଖାତା ନମ୍ବର | ପ୍ଲଟ ନମ୍ବର | ରକବା (ଏକରରେ) | ସର୍ବନିମ୍ନ ବାର୍ଷିକ ଉତୋଳନପାଇଁ ଧାର୍ଯ୍ୟଥିବାଖଣିଜ ପଦାର୍ଥରପରିମାଣ (MGQ) ଘନମିଟରରେ | ଗୌଣ ଖଣିଜ ପଦାର୍ଥର ଧାର୍ଯ୍ୟ ରୟାଲିଟି ପ୍ରତି ଘନ ମିଟର (Royalty) | ଧାର୍ଯ୍ୟ ଅତିରିକ୍ତ ଦେୟ ପ୍ରତି ଘ.ମି(Addl. Charge) |
|---|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ |
| ୧ | ନୂଆପାଟଣା ମହାନଦୀ ବାଲି ଘାଟ | ନୂଆପାଟଣା | ୯୩ | ୫୫୯ | ୧୨.୩୫ | ୧୦,୦୦୦ | ଟ.୩୫.୦୦ | ଟ ୧୪.୦୦ |
| ୨ | ମୁରାରିପୁର ମହାନଦୀ ବାଲି ଘାଟ | ମୁରାରୀପୁର | ୩୨୪ | ୧୨୧୯ | ୧୧୭.୫୦ ସ୍ଥ ୧୨.୩୫ | ୬୦.୦୦୦ | ଟ.୩୫.୦୦ | ଟ ୧୪.୦୦ |
| ୩ | ଧନୀପୁର ମହାନଦୀ ବାଲି ଘାଟ | ଧନୀପୁର | ୬ | ୬୪୦ | ୭୪.୭୦ ସ୍ଥ ୧୨.୩୫ | ୫୦,୦୦୦ | ଟ.୩୫.୦୦ | ଟ ୧୪.୦୦ |
| ୪ | ବ୍ରହ୍ମପୁରା ମହାନଦୀ ବାଲି ଘାଟ | ବ୍ରହ୍ମପୁରା | ୧୫୮ | ୧୧୪୧ | ୯୨.୯୫ ସ୍ଥ ୧୨.୩୫ | ୫୦.୦୦୦ | ଟ.୩୫.୦୦ | ଟ ୧୪.୦୦ |
| ୫ | ପଦାମାଳପାଟଣା ମହାନଦୀ ବାଲି ଘାଟ | ପଦାମାଳପାଟଣା | ୨୬୯ | ୧୦୭୨ | ୩୫.୧୩ ସ୍ଥ ୧୨.୩୫ | ୧୫,୦୦୦ | ଟ.୩୫.୦୦ | ଟ ୧୪.୦୦ |

ତହସିଲଦାର ତଥା କ୍ଷମତା ପ୍ରାପ୍ତ ଅଧିକାରୀ,
ନରସିଂହପୁର

ପରିପତ୍ର ସଂଖ୍ୟା.---3634(2)---/ ତା. 12.11.20
ଏହାର ଏକକିତା ନକଲ ଜିଲ୍ଲାପାଳ, କଟକ / ଉପ-ଜିଲ୍ଲାପାଳ, ଆଠଗଡଙ୍କ ଅବଗତି ଓ ବିହିତ ପଦକ୍ଷେପ ନିମନ୍ତେ ପ୍ରେରଣ କରାଗଲା

ତହସିଲଦାର ତଥା କ୍ଷମତା ପ୍ରାପ୍ତ ଅଧିକାରୀ,
ନରସିଂହପୁର

ପରିପତ୍ର ସଂଖ୍ୟା.---3635(7)---/ ତା. 12.11.20
ଏହାର ଏକକିତା ନକଲ ଗୋଷ୍ଠି ଉନ୍ନୟନ ଅଧିକାରୀ,ନରସିଂହପୁର / ତହସିଲ କାର୍ଯ୍ୟାଳୟ ବିଜ୍ଞାପନ ଫଳକ / ସମସ୍ତ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ବିଜ୍ଞାପନ ଫଳକରେ ବହୁଳ ପ୍ରଚାର ଓ ପ୍ରସାର ନିମନ୍ତେ ଲଗାଗଲା

ତହସିଲଦାର ତଥା କ୍ଷମତା ପ୍ରାପ୍ତ ଅଧିକାରୀ,
ନରସିଂହପୁର